
# ସତ୍ୟବାଣୀ

# THE WORD OF TRUTH



**SEPTEMBER - OCTOBER 2021**

An Oriya Bimonthly Bulletin published by the

**CHURCH OF CHRIST**

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-27. Septembe & October 2021.No.5**

*Published every two months in Oriya language for the Restoration of the pure New Testament Christianity*

## Faithful Attendance!

**Mark N. Posey**

Hebrews 10:25

### Introduction

Faithful atttendance to all worship assemblies provides spiritual growth that is inexpressibly valuable. Notice the following benefits of faithfulness.

I.Gods Worship Is Transforming. The Christian has been transformed into a *"new creature"* (Romans 12:1-2). Ongoing sanctification is necessary for spiritual growth (2 Peter 3:18).

II. God's Love Is Compelling. It is the *"love of Christ"* that compels us to strive for *"goodness and mercy"* here and a dwelling in the *"house of the Lord forever"* (Psalm 23:6).

III. God's Family Is Encouraging. We *"admonish one another"* in singing, *"provoking one another to love and good works,"* and *"build up"* with God's Word. Thank God for our church family.

IV. God's Children Are Hungering. Kingdom citizens *"hunger & thirst for righteousness"* (Matthew 5:6). Since the Gospel reveals the *"righteousness of God"* (Romans 1:17), we know that it is God for whom we hunger and thirst.

V.God's Enemy Is Prowling. Like a roaring lion the Devil seeks his prey (1 Peter 5:8). Thus, our sobriety and diligence is imperative in the wonderful arena of faithful living for the Lord.

### Conclusion

Our desire to be with God and His people must be strong, faithful and secure

# ସତ୍ୟବାଣୀ
# VOICE OF TRUTH

**VOL - XXVII KAKINADA SEP-OCT-2021**


## ''ତାହାଙ୍କ ନିକଟରେ ଯୀଶୁଙ୍କ ସୁସମାଚାର ପ୍ରଚାର କଲେ''
## ("And preached unto him Jesus")

ଏହି ବାକ୍ୟ ଆମ୍ଭେମାନେ ପ୍ରେରିତ ୮:୩୫ ପଦରେ ପଢ଼ିପାରୁ । ଏହି ବାକ୍ୟ ଏକ ସୁସମାଚାର ପ୍ରଚାରକ ବିଷୟରେ କୁହାଯାଇଅଛି । ପାପକ୍ଷମା ଅନୁସନ୍ଧାନ କରୁଥିବା ପାପୀମାନଙ୍କୁ ଯୀଶୁଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ଆବଶ୍ୟକ ।

ମଣ୍ଡଳୀର ପୀଠ ଉପରେ ଯୀଶୁଙ୍କ ନାମ ବାରମ୍ବାର ଉଚ୍ଚାରଣ କରିବା ହିଁ 'ସୁସମାଚାର'ପ୍ରଚାର କରିବା ନୁହେଁ । କିନ୍ତୁ ମନୁଷ୍ୟର ପରିତ୍ରାଣ ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନ ପ୍ରଚାର କରିବା ଆବଶ୍ୟକ । ପିତା ପରମେଶ୍ୱର ମନୁଷ୍ୟମାନଙ୍କୁ ଏତେ ପ୍ରେମ କଲେ ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ମନୁଷ୍ୟର ପରିତ୍ରାଣ ନିମନ୍ତେ, ଏହି ଜଗତକୁ ପ୍ରେରଣ କରିଥିଲେ । (ଯୋହନ ୩:୧୬) ରୋମୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, ''ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁଭୋଗ କରିବ, ଉତ୍ତମ ଲୋକ ନିମନ୍ତେ ଅବା [illegible] ପ୍ରାଣ ଦେବାକୁ ସାହସ କରିପାରେ, କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ହିଁ ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ରୋମୀୟ ୫:୭-୮)

**ଖ୍ରୀଷ୍ଟଙ୍କ ଜୀବନ ଏକ ଆଜ୍ଞାବହତାର ଜୀବନ ଥିଲା : ''ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ ।'' (ଏବ୍ରୀ ୫:୮) । ଅତଏବ ପିତା ପରମେଶ୍ୱରଙ୍କ ନିକଟରେ ସନ୍ତୋଷଦାୟକ ଜୀବନ ନିମନ୍ତେ ତାହାଙ୍କର ଆଜ୍ଞାବହ ହେବା ଆବଶ୍ୟକ । ''...ଦେଖ, ଶୁଣିବା ବଳିଦାନ ଠାରୁ ଓ ମନୋଯୋଗୀ ହେବା**

ମେଷମେଦ ଠାରୁ ଉତ୍ତମ ।'' (୧ମ ଶାମୁୟେଲ ୧୫:୨୨) । ତାହାଙ୍କ ଦତ୍ତ ଆଜ୍ଞା ସକଳ ପ୍ରଚାର କରୁ । ମନୁଷ୍ୟମାନଙ୍କ ପରିତ୍ରାର୍ଥେ ତାହାଙ୍କ ଦତ୍ତ ଆଜ୍ଞାସକଳ ପ୍ରଚାର କରୁ । ବିଶ୍ୱାସ କରି, ବାପ୍ତିଜିତ ହେବା ନିମନ୍ତେ ସେ ଆଜ୍ଞା ଦେଇଅଛନ୍ତି । (ମାର୍କ ୧୬:୧୫,୧୮) ବାପ୍ତିସ୍ମ ବିନୁ ସ୍ୱର୍ଗକୁ ଯିବାର ଆଶା, ପରମେଶ୍ୱରର ଆଜ୍ଞା ଅମାନ୍ୟ କରିବା । ପ୍ରକାଶିତ ବାକ୍ୟ ୨୨:୧୪ ପଦରେ ଲେଖାଯାଏ, ଜୀବନ ବୃକ୍ଷର ଅଧିକାରୀ ହେବା ନିମନ୍ତେ ଓ ଦ୍ୱାର ଦେଇ ନଗରୀରେ ପ୍ରବେଶ କରିବା ନିମନ୍ତେ ଯେଉଁମାନେ ଆପଣା ଆପଣା ବସ୍ତ୍ର ଧୌତ (ବାପ୍ତିଜିତ) କରିଅଛନ୍ତି, ସେମାନେ ଧନ୍ୟ ।''

**ଫିଲିପ, ନପୁଂସକଙ୍କୁ ଜଳରେ ବାପ୍ତିସ୍ମ (ଡୁବନ) ବିଷୟରେ ନିଷ୍ଚିତ ଭାବେ କହିଥିବେ :** ''ଆଉ, ସେମାନେ ପଥରେ ଯାଉ ଯାଉ କୌଣସି ଗୋଟିଏ ଜଳାଶୟ ନିକଟରେ ଉପସ୍ଥିତ ହେଲେ, ସେଥିରେ ନପୁଂସକ କହିଲେ, ଏଠାରେ ତ ଜଳ ଅଛି, ମୋହର ବାପ୍ତିଜିତ ନିମନ୍ତେ କଅଣ ବାଧା ଅଛି ?'' (ପ୍ରେରିତ ୮:୩୮) । ପରିତ୍ରାଣପ୍ରାପ୍ତ ହେବାକୁ ଇଚ୍ଛୁକ ପ୍ରତ୍ୟେକ ବ୍ୟକ୍ତି, ଜଳରେ ଡୁବନ ନେବାର ଆବଶ୍ୟକତା ଶିକ୍ଷା ଦେବା ନିତାନ୍ତ ଆବଶ୍ୟକ । ବାପ୍ତିସ୍ମ ଗ୍ରହଣ କରିବାର ଆବଶ୍ୟକତା କାରାଗାର ରକ୍ଷକ ଜ୍ଞାତ ହୋଇ, ତତ୍‌କ୍ଷଣାତ୍ ରାତ୍ରି ସମୟରେ ବାପ୍ତିସ୍ମ ଗ୍ରହଣ କରିଥିଲେ ।

''କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ସଦାପ୍ରଭୁ ଇଚ୍ଛା କରନ୍ତି ।'' ଏହି ବିଷୟ ସୁସମାଚାର ପ୍ରଚାରକମାନେ ମନୁଷ୍ୟମାନଙ୍କୁ ପ୍ରଚାର କରିବା ଆବଶ୍ୟକ । (୨ ପିତର ୩:୯) । ''ସେମାନଙ୍କୁ କୁହ, ପ୍ରଭୁ ସଦାପ୍ରଭୁ କହନ୍ତି, ଆମ୍ଭେ ଜୀବିତ ଥିବା ପ୍ରମାଣେ ଦୁଷ୍ଟର ମରଣରେ ଆମ୍ଭର ସନ୍ତୋଷ ନାହିଁ, ମାତ୍ର ଦୁଷ୍ଟ ଯେପରି ଫେରି ବଞ୍ଚିବ, ଏଥିରେ ହିଁ ଆମ୍ଭର ସନ୍ତୋଷ ଅଛି, ତୁମ୍ଭେମାନେ ଫେର, ଆପଣା ଆପଣା କୁପଥରୁ ଫେର, କାରଣ ହେ ଇଶ୍ରାଏଲ ବଂଶ, ତୁମ୍ଭେମାନେ କିହେତୁ ମରିବ ?'' (ଯିହିଜିକଲ ୩୩:୧୧) । ''ଦୁଷ୍ଟ ଆପଣା ପଥ ଓ ଅଧାର୍ମିକ ଆପଣା ସଂକଳ୍ପ ପରିତ୍ୟାଗ କରୁ, ପୁଣି, ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାଙ୍କୁ ଦୟା [illegible]; ଆଉ; ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳ [illegible] କ୍ଷମା କରିବେ ।'' (ଯିଶାଇୟ ୫୫:୭)

ପ୍ରଚାରକମାନେ ଖ୍ରୀଷ୍ଟଙ୍କ ମୃତ୍ୟୁର ଯାତନା ବିଷୟରେ ପ୍ରାର୍ଥନା କରିବା ଆବଶ୍ୟକ। ସେ ଏକ ବିଚାର ପୀଠ ଠାରୁ ଅନ୍ୟ ବିଚାର ପୀଠକୁ ଘେନା ଗଲେ : ସୈନ୍ୟମାନେ ତାହାଙ୍କ ମୁଖ ଉପରେ ଛେପ ପକାଇଲେ, ହାତ ବାନ୍ଧି ଅପମାନ କଲେ । ତାହାଙ୍କ ମସ୍ତକ ଉପରେ କଣ୍ଟାର ମୁକୁଟ ପିନ୍ଧାଇଲେ । ''ସେ ଉପଦ୍ରବ ପ୍ରାପ୍ତ ହେଲେ, ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ, ବଧସ୍ଥାନକୁ ନିଆଯିବା ମେଷଶାବକ ତୁଲ୍ୟ, ଲୋମ ଛେଦକମାନଙ୍କ ସମ୍ମୁଖରେ ନୀରବ ମେଷ ତୁଲ୍ୟ ହୋଇ ସେ ଆପଣା ମୁଖ ଫିଟାଇଲେ ନାହିଁ ।'' (ଯିଶାଇୟ ୫୩:୭)

ପ୍ରଭୁ ଯୀଶୁ ଏସବୁ ଯାତନା ପାପୀମାନଙ୍କ ନିମନ୍ତେ ସହ୍ୟ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କୁ ଗ୍ରହଣ କରିବାର ଅର୍ଥ ପିତା ପରମେଶ୍ୱରଙ୍କ ନିକଟକୁ ଯିବା । ଯୀଶୁ କହିଲେ,''...ମୁଁ ପଥ, ସତ୍ୟ ଓ ଜୀବନ; ମୋ ଦେଇ ନ ଗଲେ, କେହି ପିତାଙ୍କ ନିକଟକୁ ଯାଏ ନାହିଁ ।'' (ଯୋହନ ୧୪:୬) । ତାହାଙ୍କ ସହଭାଗିତାରେ ଆମ୍ଭେମାନେ ପୂର୍ଣ୍ଣତା ପ୍ରାପ୍ତ ହୋଇଅଛୁ ।'' (କଲସୀ ୨:୧୦)

ମନୁଷ୍ୟ ଆପଣା ଚତୁର୍ଦ୍ଦିଗର ପ୍ରକୃତି ଦେଖି ଯୀଶୁଙ୍କୁ ସ୍ମରଣ କରୁ : ଆମ୍ଭେମାନେ ଯେବେ ଶାରୋଣର ଗୋଲାପ ପୁଷ୍ପ ଦେଖୁ, ତେବେ ଯୀଶୁଙ୍କୁ ମନେ ପକାଉ କାରଣ ସେ ଶାରୋଣର ଗୋଲାପ ଅଟନ୍ତି । ମନୁଷ୍ୟ ଯେବେ ଶୋଣନ୍ ପୁଷ୍ପ ଦେଖେ, ଯୀଶୁଖ୍ରୀଷ୍ଟଙ୍କୁ ମନେ ପକାଉ, କାରଣ ସେ ''ଜୀବନ୍ତ ଆହାର'' ଅଟନ୍ତି ।

ଯେବେ ଧାର୍ମିକ ମନୁଷ୍ୟ ମୃତ୍ୟୁ ବିଷୟରେ ଭାବେ, ସେ ପ୍ରଭୁଯୀଶୁଙ୍କୁ ମନେ ପକାଇବା ଉଚିତ । କାରଣ ସେ ମୃତ୍ୟୁଞ୍ଜୟୀ ଅଟନ୍ତି । ଗୀତରଚକ ଗାହାନ୍ତି, ''ଏଣୁ ମୁଁ ମୃତ୍ୟୁ ଛାୟା ରୂପେ ଉପତ୍ୟକା ଦେଇ ଗମନ କଲେ ହେଁ, କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ତୁମ୍ଭେ ମୋହର ସହବର୍ତ୍ତୀ; ତୁମ୍ଭର ପାଞ୍ଚଣ ଓ ତୁମ୍ଭର ବାଡ଼ି ମୋତେ ସାନ୍ତ୍ୱନା ଦିଏ ।'' (ଗୀତ ୨୩:୪) । ''ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ, ମୁଁ କାହାକୁ ଭୟ କରିବି ? (ଗୀତ ୨୭:୧) । ଯୀଶୁକହିଲେ, ''...ମୁଁ ପୁନରୁତ୍ଥାନ ଓ ଜୀବନ ଯେ ମୋ ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ ।'' (ଯୋହନ ୧୧:୨୫)

''ଅତଏବ, ହେ ମୋହର ପ୍ରିୟ ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ପରିଶ୍ରମ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ ହୁଅ ।'' (୧ମ କରିନ୍ଥୀ ୧୫:୫୮)

- *John Haris*

❋❋❋

# ଯୀଶୁ ଦର୍ଶନ ଦେଲେ
## ( And he appeared )

ପ୍ରେରିତ ପାଉଲ ସୁସମାଚାର ବିଷୟରେ କହନ୍ତି, ''କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି, ସେଥିରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା, ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିନରେ ଉତ୍‌ଥିତ ହେଲେ ।'' (୧ମ କରିନ୍ଥୀ ୧୫:୩-୪) । ଅନେକ ସୁସମାଚାରର ତିନୋଟି ସତ୍ୟତା ବୋଲି ଉପଦେଶ ଦିଅନ୍ତି, କିନ୍ତୁ ପ୍ରକୃତରେ ଚାରୋଟି ସତ୍ୟତା । ଚତୁର୍ଥରେ, ସେ ଉତ୍‌ଥିତ ହେବା ପରେ ଅନେକଙ୍କୁ ଦର୍ଶନ ଦେଇଥିଲେ । ଏଥିଯୋଗୁଁ ପ୍ରେରିତ ପିତର ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଏକତ୍ରିତ ସମୂହଙ୍କୁ ପ୍ରଚାର କରିଥିବା ପ୍ରଥମ ପ୍ରସଙ୍ଗରେ କହିଥିଲେ, ''ଏହି ଯୀଶୁଙ୍କୁ ଈଶ୍ୱର ଉଠାଇ ଅଛନ୍ତି, ସେ ବିଷୟରେ ଆମ୍ଭେମାନେ ସମସ୍ତେ ସାକ୍ଷୀ ।'' (ପ୍ରେରିତ ୨:୩୨)

ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ଲେଖନୀର ପ୍ରଥମ ଅଧ୍ୟାୟ ତୃତୀୟ ପଦରେ ବୈଦ୍ୟ ଲୂକ ଲେଖନ୍ତି, ''ସେ ମଧ୍ୟ ଆପଣା ଦୁଃଖ ଭୋଗ ଉତ୍ତାରେ ଅନେକ ପ୍ରମାଣ ଦ୍ୱାରା ସେମାନଙ୍କ ନିକଟରେ ନିଜକୁ ସଜୀବ ଦେଖାଇଲେ, ପୁଣି ଚାଳିଶି ଦିନ ପର୍ଯ୍ୟନ୍ତ ବାରମ୍ବାର ସେମାନଙ୍କୁ ଦର୍ଶନ ଦେଇ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ବିଷୟଗୁଡ଼ିକ କହିଲେ ।'' (ପ୍ରେରିତ ୧:୩) ଅନେକ ପ୍ରମାଣ ମଧ୍ୟରେ ଖାଲି ସମାଧି ଓ ଚକ୍ଷୁଷ୍ମ ସାକ୍ଷୀ ଅନ୍ୟତମ ।

ଯୀଶୁଖ୍ରୀଷ୍ଟ ସୁସମାଚାର ପ୍ରଚାର କାର୍ଯ୍ୟର ସେହି ତିନି ବର୍ଷ ସମୟରେ, ତାହାଙ୍କ ସନ୍ନିହିତ ବ୍ୟକ୍ତିମାନଙ୍କୁ ସେ ଦର୍ଶନ ଦେଇଥିଲେ । ସେମାନେ ଭ୍ରାନ୍ତ ନ

ଥିଲେ । କିନ୍ତୁ ଭୟଭୀତ ଓ ତାହାଙ୍କ କଥିତ ବାକ୍ୟାନୁଯାୟୀ ସେ ପୁନଃରୁଥିତ ହେବେ ବୋଲି ବିଶ୍ୱାସ ନ କରି ଯୀଶୁଙ୍କ ଷଡ଼ଯନ୍ତ୍ରକାରୀମାନଙ୍କ ଠାରୁ ପଳାୟନ କରୁଥିଲେ । ସେମାନେ ଯୀଶୁଙ୍କୁ ଦର୍ଶନ କରିବା ପରେ ଆଶ୍ୱାସନା ପାଇ ପରିବର୍ତ୍ତିତ ହୋଇଥିଲେ ।

ପିତର ଭୟଭୀତ ହୋଇ ଏକ ଦାସୀ ନିକଟରେ ଯୀଶୁଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିଥିଲେ । କିନ୍ତୁ ଉତ୍ଥିତ ଯୀଶୁଙ୍କୁ ଦର୍ଶନ ପାଇବା ପରେ ମହାସଭାର ଅଧକ୍ଷ, ପ୍ରାଚୀନ, ମହାଯାଜକମାନଙ୍କ ମଧ୍ୟରେ ଠିଆ ହୋଇ ସେମାନଙ୍କୁ ଭର୍ତ୍ସନା କରି କହିଲେ, ''...ଈଶ୍ୱରଙ୍କ କଥା ଶୁଣିବା ଅପେକ୍ଷା ଆମ୍ଭମାନଙ୍କ କଥା ଶୁଣିବା ଈଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ କି ନା, ତାହା ଆପଣମାନେ ବିଚାର କରନ୍ତୁ । କାରଣ ଆମ୍ଭେମାନେ ଯାହା ଯାହା ଦେଖିଅଛୁ ଓ ଶୁଣିଅଛୁ, ସେସବୁ ନ କହି ରହି ନ ପାରୁ ।'' (ପ୍ରେରିତ ୪:୧୯-୨୦) ଓ ''ମନୁଷ୍ୟମାନଙ୍କର ଆଜ୍ଞା ଅପେକ୍ଷା ବରଂ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା କର୍ତ୍ତବ୍ୟ ।'' (ପ୍ରେରିତ ୫:୨୯)

ଅକାଳ ଜାତ ପ୍ରେରିତ ପାଉଲ ପ୍ରଭୁଙ୍କ ଦର୍ଶନ ଦେଖିବା ପରେ ଯିହୂଦୀୟ ଖ୍ରୀଷ୍ଟିୟାନମାନଙ୍କ ତାଡ଼ନାକାରୀ, ପ୍ରଭୁଙ୍କ ସୁସମାଚାର ପ୍ରଚାରକ ହୋଇଥିଲେ । ତାଡ଼ନାକାରୀ ଓ ପ୍ରସ୍ତରଘାତକାରୀ ଶାଉଲ ରୋମୀୟ ସାମ୍ରାଜ୍ୟର ଚାରିଆଡ଼େ ଯାତ୍ରା କରି ପ୍ରଭୁଯୀଶୁଙ୍କ ସୁସମାଚାର ପ୍ରଚାର କରିଥିଲେ । ଥେସଲନୀକୀ ମଣ୍ଡଳୀକୁ ସେ ଲେଖନ୍ତି,''....ମାତ୍ର ଯେପରି ତୁମ୍ଭେମାନେ ଜାଣ, ଆମ୍ଭେମାନେ ଫିଲିପପୀରେ ଦୁଃଖ ଓ ଅତ୍ୟାଚାର ଭୋଗ କଲା ଉତ୍ତାରେ ତୁମ୍ଭମାନଙ୍କ ନିକଟରେ ଅତିଶୟ ପ୍ରାଣପଣେ ଈଶ୍ୱରଙ୍କ ଦ୍ୱାରା ସାହସପ୍ରାପ୍ତ ହୋଇଥିଲୁ ।'' (୧ମ ଥେସଲନୀକୀ ୨:୨)

ଭୟାଳୁ ପିତର ଓ ତାଡ଼ନାକାରୀ ପାଉଲ ଜୀବନର ଏତେ ପରିମାଣରେ ପରିବର୍ତ୍ତନର କାରଣ କଅଣ ? ସେମାନେ ପୁନଃରୁଥିତ ଯୀଶୁଙ୍କୁ ଦର୍ଶନ କରିଥିଲେ ଓ ଦୃଢ଼ ନିଶ୍ଚିତତା ସହ ସାହସ ସହ ତାହାଙ୍କ ସୁସମାଚାର ପ୍ରଚାର କରିଥିଲେ । ପ୍ରଭୁଙ୍କ ସୁସମାଚାର ନିମନ୍ତେ ହତସାକ୍ଷୀ ହୋଇଥିଲେ । ପ୍ରେରିତ ପିତର କହିଥିଲେ, 'ଏହି ଯୀଶୁଙ୍କୁ ଈଶ୍ୱର ଉଠାଇଅଛନ୍ତି, ସେ ବିଷୟରେ ଆମ୍ଭେମାନେ ସମସ୍ତେ ସାକ୍ଷୀ ।'' (ପ୍ରେରିତ ୨:୩୨)

***- Cecil May. Jr.***

❋❋❋

# ଅନ୍ଧ କିଏ ?
## ( Who is blind ? )

ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜୀବନଯାପନ କରିବା ସମୟରେ ଅନେକ ଅନ୍ଧ, କୁଷ୍ଠୀ, ପକ୍ଷଘାତ, ପ୍ରଭୃତି ରୋଗୀମାନଙ୍କୁ ସୁସ୍ଥ କରିଥିଲେ । ସେ ଦୁଇଜଣ ଅନ୍ଧମାନଙ୍କୁ ସୁସ୍ଥ କରିଥିଲେ । ଯିରୋହର ବାର୍ତ୍ତୀମୟ (ମାର୍କ ୧୦:୪୬-୫୨) ଓ ଯିରୁଶାଲମର ଏକ ଜନ୍ମାନ୍ଧ (ଯୋହନ ୯ ପର୍ବ) । ସେହି ଯୁବକର ପିତାମାତା ଫାରୁଶୀମାନଙ୍କୁ ଭୟ କରୁଥିଲେ । ଯୀଶୁ ଫାରୁଶୀମାନଙ୍କ ବିଷୟରେ ତଥା ତାହାଙ୍କ ଠାରେ ବିଶ୍ୱାସ କରୁ ନଥିବା ବ୍ୟକ୍ତିମାନଙ୍କ ବିଷୟରେ କହିଲେ,''...ଦେଖୁ ନଥିବା ଲୋକେ ଯେପରି ଦେଖନ୍ତି ଓ ଦେଖୁଥିବା ଲୋକେ ଯେପରି ଅନ୍ଧ (ଆତ୍ମୀୟ) ଭାବେ ଅନ୍ଧ ହୁଅନ୍ତି, ଏହି ବିଚାର ନିମନ୍ତେ ମୁଁ ଜଗତକୁ ଆସିଅଛି ।

କେଉଁମାନେ ଅନ୍ଧ ?

(କ) **୨ କରିନ୍ଥୀ ୪:୪ : ଅବିଶ୍ୱାସୀ :-** ''ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କର ଗୌରବମୟ ସମାଚାରର ଆଲୋକ ଯେପରି ଏହି ପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନ ହୁଏ, ଏଥି ନିମନ୍ତେ ଏହି ଜଗତ ପ୍ରତି ଅବିଶ୍ୱାସୀମାନଙ୍କର ଜ୍ଞାନଚକ୍ଷୁ ଅନ୍ଧ କରିଅଛି ।''

(ଖ) **ଯିଶାଇୟ ୬:୧୦ : ମନ ପରିବର୍ତ୍ତନ ନ କରିବା ଲୋକ :** ''ଏହି ଲୋକମାନେ ଆପଣା ଆପଣା ଚକ୍ଷୁରେ ଦେଖି ଓ କର୍ଣ୍ଣରେ ଶୁଣି ଓ ଅନ୍ତଃକରଣରେ ବୁଝି ମନ ଫେରାଇ ଯେପରି ସୁସ୍ଥ ନ ହୁଅନ୍ତି, ଏଥିପାଇଁ ତୁମ୍ଭେ ସେମାନଙ୍କ ଅନ୍ତଃକରଣ ସ୍ଥୂଳ କର ଓ ସେମାନଙ୍କ କର୍ଣ୍ଣଭାରୀ କର ଓ ସେମାନଙ୍କ ଚକ୍ଷୁ ମୁଦି ଦିଅ ।''

(ଗ) **ଯାକୁବ ୧:୨୨ : କେବଳ ଶ୍ରୋତା ମାତ୍ର ହୋଇ ବାକ୍ୟର କର୍ମକାରୀ ନ ହେବା ଲୋକେ :-** ''କିନ୍ତୁ ଶ୍ରୋତା ମାତ୍ର ହୋଇ ଆପଣାକୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ, କାରଣ ଯଦି କେହି ବାକ୍ୟର କର୍ମକାରୀ ନ ହୋଇ ଶ୍ରୋତାମାତ୍ର ହୁଅ, ତେବେ ସେ ଦର୍ପଣରେ ଆପଣା ସ୍ୱାଭାବିକ ମୁଖ ଦର୍ଶନ କରୁଥିବା ମନୁଷ୍ୟର ତୁଲ୍ୟ । ଯେଣୁ ସେ ଆପଣାକୁ ଦେଖିଲା ଉତ୍ତାରେ, ସେ କି ପ୍ରକାର, ତାହା ସେହିକ୍ଷଣି ଭୁଲିଯାଏ ।

(ଘ) ଦ୍ୱି:ବ ୧୬:୧୯ : ଅନ୍ୟାୟୀ ବିଚାରକର୍ତ୍ତାମାନେ :-''ତୁମ୍ଭେ ଅନ୍ୟାୟ ବିଚାର କରିବ ନାହିଁ; କିଅବା ତୁମ୍ଭେ ଲାଞ୍ଚ ନେବ ନାହିଁ; କାରଣ ଲାଞ୍ଚ ଜ୍ଞାନୀମାନଙ୍କର ଚକ୍ଷୁ ଅନ୍ଧ କରେ ଓ ଧାର୍ମିକମାନଙ୍କ ବାକ୍ୟ ଅନ୍ୟଥା କରେ ।'' (ଯାତ୍ରା ୨୩:୮, ହିତ ୧୫:୨୭)

(ଙ) ୧ମ ଯୋହନ ୨:୯ : ''ଯେଣୁ ଆପଣା ଭାଇକୁ ଘୃଣା କରି କହେ ଯେ, ସେ ଜ୍ୟୋତିରେ ଅଛି, ସେ ଏ ପର୍ଯ୍ୟନ୍ତ ସୁଦ୍ଧା ଅନ୍ଧକାରରେ ଅଛି । ଯେ ଆପଣା ଭାଇକୁ ପ୍ରେମ କରେ, ସେ ଜ୍ୟୋତିରେ ରହେ, ପୁଣି ତାହାର ଝୁଣ୍ଟିବାର କୌଣସି କାରଣ ନାହିଁ । କିନ୍ତୁ ଯେ ଆପଣା ଭାଇକୁ ଘୃଣା କରେ, ସେ ଅନ୍ଧକାରରେ ଅଛି, ପୁଣି ଅନ୍ଧକାରରେ ଭ୍ରମଣ କରି କେଉଁଆଡ଼େ ଯାଉଅଛି, ତାହା ଜାଣେ ନାହିଁ, କାରଣ ଅନ୍ଧକାର ତାହାର ଚକ୍ଷୁକୁ ଅନ୍ଧ କରିଅଛି ।''

(ଚ) ୨ ପିତର ୧:୫-୯ : ''ହଁ, ଏହି କାରଣରୁ ତୁମ୍ଭେମାନେ ଅତି ଯତ୍ନ ସହକାରେ ବିଶ୍ୱାସ ସହ ସତ୍‌ଗୁ, ସତ୍‌ଗୁଣ ସହିତ ଜ୍ଞାନ, ଜ୍ଞାନ ସହିତ ସଂଯମ, ସଂଯମ ସହିତ ଧୈର୍ଯ୍ୟ, ଧୈର୍ଯ୍ୟ ସହିତ ଧର୍ମପରାୟଣତା, ଧର୍ମପରାୟଣତା ସହିତ ଭାତୃସ୍ନେହ, ପୁଣି ଭ୍ରାତୃସ୍ନେହ ସହିତ ପ୍ରେମ ଯୋଗ କର । ...ଏହିସବୁ ଯାହାଠାରେ ନାହିଁ, ସେ ଦୂରଦର୍ଶୀ ନ ହୋଇ ଅନ୍ଧ ହୋଇଅଛି, ପୁଣି ଆପଣା ପୂର୍ବକୃତ ପାପରୁ ପରିଷ୍କୃତ ହେବା ବିଷୟ ପାସୋରି ଯାଇଅଛି ।''

(ଛ) ପ୍ରକାଶିତ ୩:୧୫-୧୭ :- ''ଏଣୁ ତୁମ୍ଭେମାନେ ଶୀତଳ କି ଉଷ୍ଣ ନ ହୋଇ ଈଷତୁଷ୍ଣ ହେବାରୁ ଆମ୍ଭେ ତୁମ୍ଭକୁ ଆପଣା ମୁଖରୁ ଉଦ୍‌ଗାର କରିବାକୁ ଯାଉଅଛୁ। ତୁମ୍ଭେ କହିଅଛ, ମୁଁ ଧନୀ, ମୋହର ବହୁତ ସମ୍ପତ୍ତି ଅଛି, ମୋହର କୌଣସି ଅଭାବ ନାହିଁ; ମାତ୍ର ତୁମ୍ଭେ ଯେ ଦୁର୍ଭାଗା, ଦୀନହୀନ, ଅନ୍ଧ ଓ ଉଲଗ୍ନ, ଏହା ଜାଣ ନାହିଁ ।''

(ଜ) ମାଥିଉ ୨୩:୨୩ :- ''ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭେମାନେ ପୋଦିନା, ପାନମୋହରୀ, ଜୀରାର ଦଶମାଂଶ ଦେଇଥାଅ । ଆଉ ବ୍ୟବସ୍ଥାର ଗୁରୁତର ବିଷୟଗୁଡ଼ିକ, ନ୍ୟାୟବିଚାର, ଦୟା ଓ ବିଶ୍ୱାସ, ଏହା ସବୁ ପରିତ୍ୟାଗ କରିଅଛ, ଏ ସମସ୍ତ ପାଳନ କରିବା ଓ ଅନ୍ୟ ସବୁ

ପରିତ୍ୟାଗ କରିବା ନ କରିବା ଆବଶ୍ୟକ । ...ହେ ଅନ୍ଧ ଫାରୁଶୀ, ଆଗେ ଗିନାର ଭିତର ପରିଷ୍କାର କର, ଯେପରି ସେଥିର ବାହାର ମଧ୍ୟ ପରିଷ୍କୃତ ହେବ ।''

(୫) ମାଥିଉ ୧୫:୧୩-୧୪ : ''....ମୋହର ସ୍ୱର୍ଗସ୍ଥ ପିତା ଯେଉଁ ସବୁ ବୃକ୍ଷ ରୋପଣ କରିନାହାନ୍ତି, ସେ ସବୁ ଉତ୍ପାଟିତ ହେବ । (ଭଣ୍ଡ ପ୍ରଚାରକମାନେ) । ସେମାନଙ୍କୁ ଛାଡ଼ିଦିଅ, ସେମାନେ ଅନ୍ଧମାନଙ୍କର ଅନ୍ଧ ପଥ ପ୍ରଦର୍ଶକ, ଆଉ ଯେବେ ଅନ୍ଧ ଅନ୍ଧକୁ ବାଟ କଢ଼ାଏ ତେବେ ଉଭୟେ ଖାତରେ ପଡ଼ିବେ ।''

(୬) ଯିଶାଇୟ ୫୬:୧୦ : ''ତାହାର ପ୍ରହରୀଗଣ ଅନ୍ଧ, ସେ ସମସ୍ତେ ଜ୍ଞାନହୀନ, ସେ ସମସ୍ତେ ଘୁଙ୍ଗା କୁକୁର, ସୋମନେ ଭୁକି ପାରନ୍ତି ନାହିଁ । ସେମାନେ ସ୍ୱପ୍ନଦର୍ଶୀ, ଢୁଳାଇବାକୁ ସୁଖପା'ନ୍ତି ।

ଆପଣ କିପରି ଅନ୍ଧତ୍ୱରେ ଅଛନ୍ତି ? ଜଗତର ଜ୍ୟୋତି ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସି, ଆପଣା ଅନ୍ଧତ୍ୱ ଦୂର କରନ୍ତୁ ।

***- S.Srinivas COC Kakinada***

❋❋❋

## ଖ୍ରୀଷ୍ଟିୟାନ ସମ୍ବନ୍ଧ
## (Christian Relations)

ପ୍ରତ୍ୟେକ ମନୁଷ୍ୟ ପାପୀ । ପାପର ବେତନ ମୃତ୍ୟୁ । (ରୋମୀୟ ୩:୨୩, ୬:୨୩) । କୃପାମୟ ପରମେଶ୍ୱର ଆମ୍ଭମାନଙ୍କୁ ପରିତ୍ରାଣ ପ୍ରଦାନ କରନ୍ତି । କୃପାମୟ ପରମେଶ୍ୱରଙ୍କୁ ଆପଣାକୁ ସଜୀବ ବଳି ରୂପେ ଅର୍ପଣ କର ବୋଲି ପ୍ରେରିତ ପାଉଲ ଖ୍ରୀଷ୍ଟିୟାନମାନଙ୍କୁ ବିନତି କରନ୍ତି । (ରୋମୀୟ ୧୨:୧) । ଏହି ଶରୀର ପରମେଶ୍ୱରଙ୍କର । ତାହାଙ୍କ କାର୍ଯ୍ୟ ନିମନ୍ତେ ଆମ୍ଭମାନଙ୍କର ଶରୀରକୁ ପବିତ୍ର ରଖୁ । ପରମେଶ୍ୱରଙ୍କ ଇଚ୍ଛା ପାଳନ କରି, ତାହାଙ୍କ ଗ୍ରାହ୍ୟ ଜୀବନଯାପନ କରୁ । (୧ମ ଯୋହନ ୫:୩) । କାରଣ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ କ୍ରୀତ । (୧ମ କରିନ୍ଥୀ ୬:୧୯-୨୦; ୧ମ ପିତର ୩:୧୮-୧୯)

ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର । ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାରୁ, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ । (ରୋମୀୟ ୧୨:୧-୨୩, ୨ କରିନ୍ଥୀ ୩:୧୭-୧୮; ୪:୧୬, ୫:୧୭, ୧ମ ପିତର ୧:୧୪-୧୫) ଖ୍ରୀଷ୍ଟଙ୍କ ଠାରେ ପରିବର୍ତ୍ତିତ ହେବା ପୂର୍ବେ ସେମାନେ ଶରୀରର ସମସ୍ତ ଅଭିଳାଷ ଅନୁଯାୟୀ ଜୀବନଯାପନ କରୁଥିଲେ । ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ଉତ୍ତମତା ପରୀକ୍ଷା କରିବା ନିମନ୍ତେ ସେ ଅନୁରୋଧ କରନ୍ତି ।

ପ୍ରେରିତ ପାଉଲ ଆପଣା ବିଷୟରେ ଗର୍ବୀ ନ ହୋଇ, ସୁବୋଧର ପରି ଆପଣା ବିଷୟରେ ମନେ କର । (ରୋମୀୟ ୧୨:୩) । ପ୍ରଭୁ ଯୀଶୁ ପର୍ବତ ଉପଦେଶରେ କହନ୍ତି, ''ନମ୍ର ଲୋକେ ଧନ୍ୟ, କାରଣ ସେମାନେ ସାନ୍ତ୍ୱନା ପ୍ରାପ୍ତ ହେବେ ।'' (ମାଥିଉ ୫:୫) । ଆମ୍ଭମାନଙ୍କ ପ୍ରାପ୍ତ ସମସ୍ତ ଦାନ ଓ ଦକ୍ଷତା ସକୃତ ନୁହେଁ, କିନ୍ତୁ ପରମେଶ୍ୱରଙ୍କ ଦାନ, ଆମ୍ଭମାନଙ୍କ ଯୋଗ୍ୟତା ଅନୁଯାୟୀ ସେ ଦାନ କରନ୍ତି, ଆମ୍ଭମାନଙ୍କ ଅସ୍ତିତ୍ୱ ତାହାଙ୍କ ଦତ୍ତ । ''......ତାହାଙ୍କ ଠାରେ ଆମ୍ଭମାନଙ୍କର ଅସ୍ତି, ଗତି ଓ ସ୍ଥିତି ....'' (ପ୍ରେରିତ ୧୭:୨୮)

ମଣ୍ଡଳୀ, ଏକ ମନୁଷ୍ୟର ଶରୀର ସଦୃଶ୍ୟ । ଅନେକ ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା ମନୁଷ୍ୟ ଶରୀର ଗଠିତ । ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ବିଭିନ୍ନ କାର୍ଯ୍ୟ । କୌଣସି ଅଙ୍ଗ, ଅନ୍ୟ ଅଙ୍ଗ ଠାରୁ ଶ୍ରେଷ୍ଠତର ନୁହେଁ । କାରଣ ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ମନୁଷ୍ୟର ପ୍ରୟୋଜନ । (ରୋମୀୟ ୧୨:୪-୫;୧ମ କରିନ୍ଥୀ ୧୨:୧୨-୨୭)

ସାଂସାରିକ ଆଲୋଚନା ଦ୍ୱାରା ନୁହେଁ କିନ୍ତୁ ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ ଆପଣା ଆପଣାକୁ ଗଢୁ । ଆମ୍ଭେମାନେ ଜଗତରେ ଅଛୁ, କିନ୍ତୁ ଜଗତ ଆମ୍ଭମାନଙ୍କ ମଧ୍ୟରେ ନ ରହୁ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏକ ଆରେକକୁ ପ୍ରେମ, ସମାଦାର ଓ ସାହାଯ୍ୟ କରୁ । ଏକ ଆରେକଙ୍କ ନିମନ୍ତେ ପ୍ରାର୍ଥନା କରୁ, ଏତଦ୍ୱାରା ଆମ୍ଭେମାନେ ସଦାପ୍ରଭୁଙ୍କ ସହ ଓ ତାହାଙ୍କ ପରିବାରବର୍ଗ ସହ ସତ୍‌ସମ୍ବନ୍ଧ ରଖିପାରୁ ।

**- *Gary C. Hampton***

❋❋❋

# ପ୍ରାର୍ଥନାର କେତୋଟି ବିଘ୍ନ କାରଣ !

## ( Some things that Hinder our prayers )

ଆମ୍ଭେମାନେ ଯେବେ ପ୍ରାର୍ଥନା କରୁ, ତାହାର ପ୍ରତିଫଳ ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କୁ ଦିଅନ୍ତି । ବାକ୍ୟ କହେ, ''କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତି ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ, କିନ୍ତୁ ପ୍ରଭୁଙ୍କର ସତ୍ୟ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ ।'' (୧ମ ପିତର ୩:୧୨) । ଭୂମି ଆକାଶର ସୃଷ୍ଟିକର୍ତ୍ତା ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବ ଅନ୍ତର୍ଯ୍ୟାମୀ ପିତା ଆମ୍ଭମାନଙ୍କ ପ୍ରାର୍ଥନା ଶୁଣିବା କେତେ ସୌଭାଗ୍ୟର ବିଷୟ ! ତଥାପି ଆମ୍ଭମାନଙ୍କ ପ୍ରାର୍ଥନାରେ ବିଘ୍ନ ଘଟେ । ବିଘ୍ନଜନକ କାରଣ ସକାଶୁ ଆମ୍ଭମାନଙ୍କ ପ୍ରାର୍ଥନାର ସୁଫଳ ମିଳେ ନାହିଁ । ନିମ୍ନଲିଖିତ ୬ଟି ବିଷୟ, ଆମ୍ଭମାନଙ୍କ ପ୍ରାର୍ଥନାର ବିଘ୍ନର କାରଣ :-

(୧) **ଶୟତାନ :** ''ତୁମ୍ଭେମାନେ ଯେପରି ଶୟତାନର ସମସ୍ତ ଚାତୁରୀ ବିରୁଦ୍ଧରେ ଦଣ୍ଡାୟମାନ ହୋଇପାର, ଏଥି ନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣାକୁ ସୁସଜ୍ଜିତ କର ।'' (ଏଫିସୀ ୬:୧୧, ଦାନିୟେଲ ୬:୧୨)

(୨) **ସନ୍ଦେହ :** ''କିନ୍ତୁ ସେ କିଛିମାତ୍ର ସନ୍ଦେହ ନ କରି ବିଶ୍ୱାସ ସହ ପ୍ରାର୍ଥନା କରୁ, କାରଣ ଯେ ସନ୍ଦେହ କରେ, ସେ ବାୟୁରେ ଇତଃସ୍ତତ ଚାଳିତ ସମୁଦ୍ରର ତରଙ୍ଗ ସଦୃଶ୍ୟ । ସେପରି ଲୋକ ପ୍ରଭୁଙ୍କ ଠାରୁ କିଛି ପାଇବେ ବୋଲି ମନେ ନ କରୁ ।'' (ଯାକୁବ ୧:୬-୭, ମାଥିଉ ୧୧:୨୨-୨୪)

(୩) **ମନ୍ଦ ଅଭିପ୍ରାୟ :** ''ତୁମ୍ଭେମାନେ ମାଗିଥାଅ, କିନ୍ତୁ ପାଇ ନ ଥାଅ । କାରଣ ଆପଣା ଆପଣା ସୁଖଭିଳାଷରେ ବ୍ୟୟ କରିବାକୁ ମାଗିଥାଅ ।'' (ଯାକୁବ ୪:୩)

(୪) **କପଟପଣ :** ''ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରି ହୁଅ ନାହିଁ, କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜଗୃହ ଓ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଆନ୍ତି, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି ।''

(୫) **ଅହଂକାର :** ''ଆପଣା ଆପଣାକୁ ଧାର୍ମିକ ଜ୍ଞାନ କରି ଅନ୍ୟ ସମସ୍ତଙ୍କୁ ତୁଚ୍ଛ ଜ୍ଞାନ କରୁଥିବା କେତେକ ଆତ୍ମନିର୍ଭରଶୀଳ ଲୋକଙ୍କୁ ସେ ଏହି ଦୃଷ୍ଟାନ୍ତ କହିଲେ, ଦୁଇ ଜଣ ଲୋକ ପ୍ରାର୍ଥନା କରିବା ନିମନ୍ତେ ମନ୍ଦିରକୁ ଗଲେ, ଜଣେ ଫାରୁଶୀ ଓ ଅନ୍ୟ ଜଣେ କରଗ୍ରାହୀ । ଫାରୁଶୀ ଦଣ୍ଡାୟମାନ ହୋଇ ଆପଣା ନିକଟରେ ଏହି ପ୍ରକାର ପ୍ରାର୍ଥନା କରିବାକୁ ଲାଗିଲା, ହେ ଈଶ୍ୱର, ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି ଯେ, ମୁଁ ଅନ୍ୟ ସମସ୍ତ ଲୋକଙ୍କ ପରି ଅତ୍ୟାଚାରୀ, ଅଧାର୍ମିକ, ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ, ....କିନ୍ତୁ କରଗ୍ରାହୀ ଦୂରରେ ଠିଆ ହୋଇ ସ୍ୱର୍ଗ ଆଡ଼େ ଉର୍ଦ୍ଧ୍ୱଦୃଷ୍ଟି କରିବାକୁ ସୁଦ୍ଧା ସାହସ କଲା ନାହିଁ, କିନ୍ତୁ ଆପଣା ଛାତିରେ ମାରିହୋଇ କହିବାକୁ ଲାଗିଲା, ହେ ଈଶ୍ୱର, ମୁଁ ପାପୀ ମୋତେ ଦୟା କର ।'' (ଲୂକ ୧୮:୯-୧୩)

(୬) **ପାପ :** ''ଯୀଶୁଙ୍କ ଦ୍ୱାରା ସୁସ୍ଥ ଏକ ଜନ୍ମାନ୍ଧ ଯିହୂଦୀ ନେତାମାନଙ୍କୁ କହିଥିଲେ, ''ଈଶ୍ୱର ଯେ ପାପୀମାନଙ୍କର କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କର ଇଚ୍ଛା ପାଳନ କରେ, ତାହାହେଲେ ସେ ତା'ର କଥା ଶୁଣନ୍ତି ।'' (ଯୋହନ ୯:୩୧)

ପ୍ରାର୍ଥନାର ବିଘ୍ନ କାରଣ ସବୁକୁ ଦୂର କରିବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

***- David Coniey***

❋❋❋

## ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବା !
## (Baptized into Christ!)

''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ?''. (ରୋମୀୟ ୬:୩) ''ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତୀ ୩:୨୭)

ଏହି ଦୁଇ ପଦରୁ ଆମ୍ଭେମାନେ କେବେ ଖ୍ରୀଷ୍ଟିୟାନ ହୋଇପାରିଅଛୁ ଓ କେବେ ତାହାଙ୍କ ଶରୀରର ଏକ ଅଂଶ ହୋଇଅଛୁ ବୋଲି ଜାଣିପାରୁ । ପ୍ରେରିତ ପାଉଲଙ୍କ ଏହି ମତ କୌଣସି ଖ୍ରୀଷ୍ଟିୟାନ ନାସ୍ତି କରି ନ ପାରେ । କିନ୍ତୁ ଯେଉଁମାନେ ଜଳରେ ବୁଡ଼ନ ଆବଶ୍ୟକ ନାହିଁ ବୋଲି ମନେ କରନ୍ତି, ସେମାନେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବାର ଅର୍ଥ ''ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ବୋଲି ଭାବ ପ୍ରକାଶ କରନ୍ତି ।

ପବିତ୍ର ଆତ୍ମାରେ ବାପ୍ତିଜିତ ହେବା ଏକ ବାଇବଲ ସିଦ୍ଧାନ୍ତ । ବାପ୍ତିଜକ ଯୋହନ ଏ ବିଷୟରେ ଭାବବାଣୀ ବ୍ୟକ୍ତ କରିଥିଲେ (ମାଥିଉ ୩:୧୧) ଓ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ''ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ'' ବିଷୟରେ ପ୍ରତିଜ୍ଞା କରିଥିଲେ । (ପ୍ରେରିତ ୧:୫)

କର୍ଣ୍ଣଲୀୟଙ୍କ ଗୃହରେ ଉପସ୍ଥିତ ସମୂହମାନଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିଥିଲେ । ଏହା ପବିତ୍ର ଆତ୍ମାଙ୍କ ଅବତରଣର ଦ୍ୱିତୀୟ ଘଟଣା । (ପ୍ରେରିତ ୧୦:୪୪-୪୮, ୧୧:୧୬) ବାଇବଲର ଛାତ୍ରମାନେ ପବିତ୍ର ଆତ୍ମାଙ୍କ ଅବତରଣ ଦ୍ୱାରା ମନୁଷ୍ୟର ଶୁଦ୍ଧିକରଣ କିଅବା ପାପକ୍ଷମା ହୁଏ ନାହିଁ ବୋଲି ପ୍ରତ୍ୟେକ ଜାଣନ୍ତି ।

''ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ'' ମନୁଷ୍ୟମାନଙ୍କ ହୃଦୟ ପରିବର୍ତ୍ତନ କରେ ନାହିଁ । ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତମାନେ ''ପବିତ୍ର ଆତ୍ମା''ଙ୍କ ଦ୍ୱାରା ବାପ୍ତିଜିତ ହୋଇ, ପରଭାଷାରେ କଥା କହିଥିଲେ । ସେମାନଙ୍କର କୃତ କର୍ମଗୁଡ଼ିକ ଦ୍ୱାରା ପ୍ରମାଣସିଦ୍ଧ ହୋଇଥିଲା । (ଯୋହନ ୬:୧୩-୧୪; ୧୫:୨୬-୨୭; ୧୪:୨୬)

ପବିତ୍ର ଆତ୍ମାରେ ବାପ୍ତିଜିତ ପ୍ରେରିତ ପିତର ଏକ ସମୟରେ କପଟପଣ ବ୍ୟବହାର କରିଥିଲେ । (ଗାଲାତୀ ୨:୧୧-୧୪) ମନୁଷ୍ୟମାନଙ୍କ ପାପ ନିଶେଷ ହୁଏ ନାହିଁ । କିନ୍ତୁ ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ପରିପୂର୍ଣ୍ଣ ହେଲେ ।

ପରମେଶ୍ୱର, କର୍ଣ୍ଣଲୀୟଙ୍କ ଗୃହରେ ଉପସ୍ଥିତ ସମୂହଙ୍କ ଉପରେ ପବିତ୍ର ଆତ୍ମାଙ୍କର ଅବତରଣ ଦ୍ୱାରା ପରମେଶ୍ୱରଙ୍କ ରାଜ୍ୟରେ ବିଜାତୀୟମାନେ ଅନ୍ତର୍ଭୁକ୍ତ ବୋଲି ସୂଚନା ଦେଇଥିଲେ । ସେମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ ସୁଦ୍ଧା, ସେମାନଙ୍କ ପାପକ୍ଷମା ହୋଇ ନ ଥିଲା । ପାପକ୍ଷମା ନିମନ୍ତେ ପ୍ରେରିତ ପିତର, ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବା ନିମନ୍ତେ ସେମାନଙ୍କୁ ଆଜ୍ଞା ଦେଇଥିଲେ ।

୧ମ କରିନ୍ଥୀ ୧୨:୧୩ ପଦ ଦ୍ୱାରା ଅନେକ ଏଠାରେ ଲିଖିତ ''ବାପ୍ତିସ୍ମ'' ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ବୋଲି ବାଦ କରନ୍ତି, ଯାହା କହେ, ''ଯେଣୁ ଆମ୍ଭେମାନେ ଯିହୂଦୀ ହେଉ ବା ଗ୍ରୀକ୍ ହେଉ, ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମା ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ; ଆଉ ସମସ୍ତେ ଏକ ଆତ୍ମାରୁ ପାନ କରୁଅଛୁ।'' ପ୍ରେରିତ ପାଉଲ ଏଠାରେ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ବିଷୟରେ ବର୍ଣ୍ଣନା ନ କରି ବରଂ ଡୁବନ ବିଷୟରେ ଲେଖନ୍ତି ପବିତ୍ର ଆତ୍ମାଙ୍କ ଉଦ୍ଦେଶ୍ୟ। ମଣ୍ଡଳୀ ଅଭିବୃଦ୍ଧି। (୧ମ କରିନ୍ଥୀ ୧୨:୩-୧୧)

କରିନ୍ଥୀ ମଣ୍ଡଳୀର ସଭ୍ୟମାନେ ପ୍ରେରିତ ପାଉଲ ଓ ଅନ୍ୟ କେତେକ ଖ୍ରୀଷ୍ଟିୟାନମାନଙ୍କ ଦ୍ୱାରା ଗଠିତ ଥିଲା। (୧ମ କରିନ୍ଥୀ ୧:୧୬)। ଏହା ଜଳରେ ବାପ୍ତିସ୍ମ ଥିଲା, କାରଣ ପ୍ରେରିତ ପାଉଲଙ୍କ ଦ୍ୱାରା ପବିତ୍ର ଆତ୍ମାଙ୍କ ଅବତରଣ ଅସମ୍ଭବ। (ମାଥିଉ ୩:୧୧)

ରୋମୀୟ ୬:୩ ଓ ଗାଲାତୀ ୩:୨୭ରେ ଲିଖିତ ବାକ୍ୟଗୁଡ଼ିକ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ନୋହିବାର ଚାରୋଟି କାରଣ :-

(କ) ଏହି ଦୁଇ ବାକ୍ୟର ସରଳ ଅର୍ଥ ''ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ'' ବୋଲି ବୁଝାଏ ନାହିଁ।

(ଖ) ଏଫିସୀ ୪:୫ ପଦନୁଯାୟୀ କେବଳ ଏକ ବାପ୍ତିସ୍ମ ରହିଅଛି। ଯଦି ''ପବିତ ଆତ୍ମା''ଙ୍କ ବାପ୍ତିସ୍ମ ଏକ ବ୍ୟକ୍ତିକୁ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରିପାରେ, ତେବେ ଜଳରେ ଡୁବନ (ବାପ୍ତିସ୍ମର ଆଉ ପ୍ରୟୋଜନ ନାହିଁ)। ''ଏକ ବାପ୍ତିସ୍ମର ଅର୍ଥ ''ଜଳରେ ବାପ୍ତିସ୍ମ'' ଓ ''ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ'' ହୋଇ ନ ପାରେ।

(ଗ) କେବଳ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ଯଦି ମନୁଷ୍ୟମାନେ ଖ୍ରୀଷ୍ଟଙ୍କ ଠାରେ ସଂଯୁକ୍ତ ହୋଇପାରିଥା'ନ୍ତେ, ଜଳରେ ବାପ୍ତିସ୍ମର ଆବଶ୍ୟକତା ନ ଥା'ନ୍ତା।

ଖ୍ରୀଷ୍ଟଙ୍କ ଠାରେ ପରିତ୍ରାଣ (୨ ତୀମଥି ୨:୧୦), ଅନନ୍ତ ଜୀବନ ସମସ୍ତ ଆଶୀଷ (ଏଫିସୀ ୧:୩), ପାପକ୍ଷମା (ଏଫିସୀ ୧:୭) ଓ ସଂପୂର୍ଣ୍ଣତା (କଲସୀ ୨:୧୦)। ଜଳରେ ବାପ୍ତିସ୍ମ ଗ୍ରହଣ କରି ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ସଂଯୁକ୍ତ ହେଉ ଓ ସମସ୍ତ ଆଶୀଷ ପ୍ରାପ୍ତ ହୋଇପାରୁ।

(ଘ) ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନର ସମରୂପ ବାପ୍ତିସ୍ମ ଗ୍ରହଣ କରି ଆମ୍ଭେମାନେ ଜୀବନର ନୂତନ ଭାବେ ଆଚରଣ କରୁ । ଯୀଶୁଖ୍ରୀଷ୍ଟ ପୁନଃରୁଥାନର ସମରୂପ ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରୁ । (୧ମ ପିତର ୩:୨୧)

ଜଳରେ ଡୁବିତ ହୋଇ ଯୀଶୁଖ୍ରୀଷ୍ଟଙ୍କ ଦତ୍ତ ସକଳ ଆଶୀଷ ସହଭାଗୀ ହେଉ ।

*- Jerri Manaco*

❋❋❋

## ଦ୍ୱିତୀୟ ବଂଶାବଳୀ ୨୯:୨୫
## ( 2 Chronicles 29:25 )

"ଆଉ, ସେ (ହଜକିୟ) ଦାଉଦଙ୍କର ଓ ରାଜାଙ୍କର ଦର୍ଶକ ଗାଦର ଓ ନାଥନ ଭବିଷ୍ୟଦବକ୍ତାଙ୍କର ଆଜ୍ଞାନୁସାରେ କରତାଳ ଓ ନେବଲ ଓ ବୀଣାଧାରୀ ଲେବୀୟମାନଙ୍କୁ ସଦାପ୍ରଭୁଙ୍କ ଗୃହରେ ସ୍ଥାପନ କଲେ; କାରଣ ସଦାପ୍ରଭୁ ଆପଣା ଭବିଷ୍ୟଦମାନଙ୍କ ଦ୍ୱାରା ଏହି ଆଜ୍ଞା କରିଥିଲେ ।" (୨ ବଂଶାବଳୀ ୨୯:୨୫) । ପୁରାତନ ନିୟମାନୁଯାୟୀ ଉପାସନାରେ ବୃଷ, ଛାଗ, ଗୋବତ୍ସଗୁଡ଼ିକର ଦାହନ ବଳି, ସୁଗନ୍ଧି ଧୂପ (ଲେବୀ ୧୯:୧୨-୧୩, ଯାତ୍ରା ୩୦:୭; ଦ୍ୱି:ବି ୩୩:୧୦), ଗାନ ଓ ନୃତ୍ୟ (୨ ଶାମୁୟେଲ ୬:୪; ଗୀତ ୧୫୦:୪) କରତାଳ (ଗୀତ ୪୭:୧), ଜୟଧ୍ୱନି (୪୭:୧) ପ୍ରଭୃତି ଅନ୍ତର୍ଭୁକ୍ତ ଥିଲା ।

ନୂତନ ନିୟମର ଉପାସନାରେ ଗୀତଚୟନ ଓଷ୍ଠାଧରର ଫଳ (ଏବ୍ରୀ ୧୩:୧୫; ରୋମୀୟ ୧୫:୯; ୧ମ କରିନ୍ଥୀ ୧୪:୧୫), (୧ମ ଥେସଲନୀକୀ ୫:୧୭) । ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜ ପାଳନ, ଚାନ୍ଦ ଦେବା (୧ମ କରିନ୍ଥୀ ୧୬:୧-୨) ଅନ୍ତର୍ଭୁକ୍ତ ଅଟେ ।

*- Hugo McLord*

❋❋❋

# ଅନୂରୂପ ସହକାରିଣୀ
## ( A Suitable Helper )

ସୃଷ୍ଟିର ଷଷ୍ଠତମ ଦିନରେ ସଦାପ୍ରଭୁ ପରମେଶ୍ୱର ମନୁଷ୍ୟଙ୍କୁ ସୃଷ୍ଟି କଲେ । ସେହି ଦିନର କିଛି ବେଳା ପରେ ସ୍ତ୍ରୀକୁ ସୃଷ୍ଟି କଲେ । ''ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ, ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା ।..... ଅନନ୍ତର ସଦାପ୍ରଭୁ ଆଦମଙ୍କୁ ଘୋରି ନିଦ୍ରାଗ୍ରସ୍ତ କରାଇ, ସେହି ନିଦ୍ରା ସମୟରେ ତାଙ୍କର ଖଣ୍ଡେ ପଞ୍ଜର ନେଇ ମାଂସ ଦ୍ୱାରା ସେହି ସ୍ଥାନ ପୂର୍ଣ୍ଣ କଲେ । ଆଉ ସଦାପ୍ରଭୁ ପରମେଶ୍ୱର ଆଦମଙ୍କ ଠାରୁ ଯେଉଁ ପଞ୍ଜର ଖଣ୍ଡିକ ନେଲେ, ତଦ୍ୱାରା ଏକ ସ୍ତ୍ରୀ ନିର୍ମାଣ କରି ଆଦମଙ୍କ ନିକଟକୁ ଆଣିଲେ ।'' (ଆଦି ୨:୧୮,୨୧,୨୨) । ସୃଷ୍ଟି ସମୟରେ ପୁରୁଷକୁ ସ୍ତ୍ରୀର ଆବଶ୍ୟକ ଥିବ ବୋଲି ସଦାପ୍ରଭୁ ଜ୍ଞାତ ଥିଲେ । ପୁରୁଷର ଆବଶ୍ୟକତା ପୂରଣ କରିବା ନିମନ୍ତେ ସଦାପ୍ରଭୁ ସ୍ତ୍ରୀକୁ ସୃଷ୍ଟି କରିଥିଲେ । ଆମ୍ଭେମାନେ ବର୍ତ୍ତମାନ ଯୁଗରେ, କିପରି ଆପଣା ସ୍ୱାମୀଙ୍କ ଆବଶ୍ୟକତା ପୂରଣ କରିପାରିବା ?

ସର୍ବପ୍ରଥମେ, ସ୍ତ୍ରୀ ଆପଣା ସ୍ୱାମୀଙ୍କର ଆଜ୍ଞାବହ ରହିବା ଆବଶ୍ୟକ । କାରଣ ସ୍ତ୍ରୀ ପୂର୍ବେ ପୁରୁଷ ସୃଷ୍ଟି ହୋଇଥିଲେ ଏବଂ ପ୍ରଥମେ ସ୍ତ୍ରୀ ପାପ କରିବାରୁ ଏହି ଜଗତରେ ପାପ ପ୍ରବେଶ କରିଥିଲା । (୧ମ ତୀମଥି ୨:୧୧-୧୪, ଆଦି ୩:୧୬) । ଏହି ବଶୀଭୂତ ରହିବାର ଆଜ୍ଞା, ସ୍ତ୍ରୀ ଜାତିର ଜୀବନ କ୍ଲେଶମୟ କରିବା ଉଦ୍ଦେଶ୍ୟରେ ଦତ୍ତ ହୋଇ ନ ଥିଲା । (ଏଫିସୀ ୫:୨୨,୨୩) । ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀକୁ ପ୍ରେମ କରିବା ସଦୃଶ୍ୟ, ସ୍ୱାମୀ ଆପଣା ସ୍ତ୍ରୀକୁ ପ୍ରେମ କରିବା ଆବଶ୍ୟକ । ଆପଣା ଆପଣା ଶରୀରର ଯତ୍ନ ନେବା ସ୍ୱରୂପେ, ସ୍ୱାମୀମାନେ ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କରି ଯତ୍ନ ନେବା ଆବଶ୍ୟକ । ''ଯାହାହେଉ, ତୁମ୍ଭେମାନେ ପ୍ରତ୍ୟେକେ ମଧ୍ୟ ଆପଣା ସ୍ତ୍ରୀକୁ ଆତ୍ମତୁଲ୍ୟ ପ୍ରେମ କର, ଆଉ ସ୍ତ୍ରୀ ମଧ୍ୟ ଆପଣା ସ୍ୱାମୀଙ୍କୁ ଭକ୍ତି କରୁ ।'' (ଏଫିସୀ ୫:୩୩) । ଏହା ଏକ ଅତି ସୁନ୍ଦର ବାକ୍ୟ ।

ଦ୍ୱିତୀୟରେ, ସ୍ତ୍ରୀ ଆପଣା ଗୃହକୁ ଏକ ଶାନ୍ତି ଓ ସନ୍ତୋଷଜନକ ନିବାସ ସ୍ଥଳ ରୂପେ ଗଢ଼ୁ । ପ୍ରେରିତ ପାଉଲ, ତୀମଥିଙ୍କୁ କହିଲେ, "ଅତଏବ, ଯୁବତୀ ବିଧବାମାନେ ବିବାହ କରନ୍ତୁ, ସନ୍ତାନ ପ୍ରସବ କରନ୍ତୁ, ଗୃହକାର୍ଯ୍ୟ ପରିଚାଳନା କରନ୍ତୁ, ନିନ୍ଦା କରିବା ପାଇଁ ଶତ୍ରୁକୁ କୌଣସି ସୁଯୋଗ ନ ଦିଅନ୍ତୁ ।" (୧ମ ତୀମଥି ୫:୧୪) । ଆମ୍ଭମାନଙ୍କ ଗୃହ ସୁନ୍ଦର ଭାବେ ସଜାଉ, ସନ୍ତାନସନ୍ତତିମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେଉ ଓ ଖ୍ରୀଷ୍ଟିୟ ସ୍ୱଭାବ ପ୍ରସ୍ଫୁଟିତ ହେଉ । ଆମ୍ଭେମାନେ ଅତିଥିପ୍ରିୟ ହେବା, ପୁରୁଷମାନଙ୍କ ନିମନ୍ତେ ସନ୍ତୋଷଦାୟକ । ଅନ୍ୟମାନଙ୍କୁ ସାହାଯ୍ୟ କରୁ, ଉପକାର କରୁ । ଏପରି କାର୍ଯ୍ୟ ଦ୍ୱାରା, ସ୍ୱାମୀମାନେ ଅଧ୍ୟକ୍ଷ ପଦରେ ନିଯୁକ୍ତ ହେବା ନିମନ୍ତେ ସୁଯୋଗ ପାଇଥାନ୍ତି (୧ମ ତୀମଥି ୩:୨)

ତୃତୀୟରେ, ଅଖ୍ରୀଷ୍ଟିୟାନ ସ୍ୱାମୀମାନେ ଆପଣା ଆପଣା ସ୍ତ୍ରୀମାନଙ୍କୁ ସତ୍‌ସ୍ୱଭାବ ଦ୍ୱାରା ଖ୍ରୀଷ୍ଟଙ୍କ ଠାରେ ପରିବର୍ତ୍ତିତ ହେବାକୁ ସୁଯୋଗ ପାଆନ୍ତି । "ସେହିପରି, ହେ ଭାର୍ଯ୍ୟାମାନେ, ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ, ଯେପରି ସେମାନଙ୍କ ମଧ୍ୟରୁ କେହି କେହି ବାକ୍ୟର ଅନାଜ୍ଞାବହ ହେଲେ ସୁଦ୍ଧା ତୁମ୍ଭମାନଙ୍କର ସଭୟ ସଦାଚରଣ ଦ୍ୱାରା ପରିବର୍ତ୍ତିତ ହେବେ ।" (୧ମ ପିତର ୩:୧) । ବାକ୍ୟ ଠାରୁ ଆମ୍ଭମାନଙ୍କ ଆଦର୍ଶମୟ ଜୀବନଶୈଳୀ ଅଧିକ ଶକ୍ତିମୟ ।

ଆସ ଆମ୍ଭେମାନେ ଯେଉଁ ଉଦ୍ଦେଶ୍ୟରେ ସୃଷ୍ଟି ହୋଇଅଛୁ, ସେହି ଉଦ୍ଦେଶ୍ୟ ପୂରଣ କରୁ । ଆସ ଆମ୍ଭେମାନେ ଆମ୍ଭମାନଙ୍କ ସ୍ୱାମୀମାନଙ୍କ ନିମନ୍ତେ ଅନୁରୂପ ସହକାରିଣୀ ହୋଇ ଜୀବନଯାପନ କରୁ ।

**- Susie Fredrick**

❋❋❋

**Edited & Published by : Kabita & Joshua Gootam**

# MARY MAGDALENE

Mary was a common name in the Jewish culture and still is in the Christian community as well.

* Three prominent women named as Mary in the New Testament are
(1)Mother of Jesus (2) Sister of Martha and Lazar and
(3) Mary Magdalene.
She was was from a town called Magdalena

*** Her name is first mentioned in Luke 8:1-3 "And it came to pass afterwards that He Went through out every city and village preaching the glad tidings of the kingdom of God, and the twelve were with Him and certain woman who had been healed of evil spirit and infirmities Mary Magdalene. Out of whom had come seven demons...and many others who provided for Him from their substance" .They ministered him upto Calvary.

*In the garden of Gathesemane Jesus's disciples left and fled"(Math 26:56)

***Math 27:55:-""And many women who followed Jesus from Galilee, ministering unto Him, looking from afar, among whom were Mary Magdalene...

**27:61:-"And Mary Magdalene was there and the other Mary, sitting opposite the tomb"(Mark 15:1 and 47)

***John 19:25:-"Now there stood by the cross of Jesus His mother, His mother's sister, Mary the wife of Cleopas, and Mary Magdalene."
19:27b:".....And from that hour that disciple took her to his home."

## DAY OF RESURRECTION

Math 28:1:-"In the end of Sabbath day....came Mary Magdalene , and the other Mary to see the sepulcher.....and the angel of the LORD descended from heaven rolled back from stone the door and sat upon it."
Mark 16:1-9:-"...He appeared first to Mary Magdalene, out of whom He had cast seven demons."

John 20:1-18:-"The first day of the. Week cometh Mary Magdalene early in the morning....Then the disciples went away again unto their own home. But Mary stood with out at the sepulcher weeping...Mary. Magdalene came and told the disciples that she had seen the Lord, and that He had spoken these things to her."

Mary Magdalene did not forsake the Lord untill the end

***Acts 1:14:-"These all continued with one accord in prayer....with the women, and Mary the mother of Jesus and with His brothers."

-Kabita Gootam

Write for free Bible Correspondence Course
In
*Telugu & Oriya to:*

**The Director**
Bible Correspondence Course
PO.Box.80,KAKINADA-533001.A.P

***Printed Book Only***

From :
SATYAVANI
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004